ପାଠ-୭

# ଗଛ ଓ କାଠୁରିଆ

## STUDY NOTES

### ସାରକଥା:

ପଲ୍ଲୀକବି ନନ୍ଦକିଶୋର ବଳ ଗଛ ଓ କାଠୁରିଆ କବିତାରେ ଗଛ କିଭଳି ଆମର ଉପକାର କରେ, ତାହା ବର୍ଣ୍ଣନା କରିଛନ୍ତି। ଏକ ଛୋଟ ପିଲା କିପରି ଏକ କାଠୁରିଆକୁ ମନା କରୁଛି ଗଛ କାଟିବାକୁ ତାହାର ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି। ଏକ ଛୋଟପିଲା କାଠୁରିଆକୁ କହୁଛି ଯେ, ତୁମେ ଗଛଟିକୁ ହାଣିବା ଆଗରୁ ଏ ଗଛର କାହାଣୀ ଥରେ ଶୁଣ। ଯଦିଓ ଏ ଗଛରେ ବାସ୍ନାଭରା ଫୁଲ ନ ଫୁଟୁଛି, ମହୁମାଛିମାନେ ଏହାର ଚାରିପଟେ ନ ବୁଲୁଛନ୍ତି, ବସନ୍ତ ଋତୁରେ କୋଇଲି ଡାଳରେ ବସି ଗୀତ ଗାଉନାହିଁ, ଏ ଗଛ ମିଠା ମିଠା ଫଳ ଯୋଗାଉ ନାହିଁ ତଥାପି ବାଟୋଇ ବା ପଥିକଟିଏ ଏହାର ଛାଇରେ ଟିକେ ବିଶ୍ରାମ ନେଇ ବସିଯାଉଛନ୍ତି।

କବି ପୁଣି ପିଲାଟି ମାଧ୍ୟମରେ କହୁଛନ୍ତି ଯେ, ଏ ଗଛକୁ ତୁମେ ହାଣ ନାହିଁ। କାରଣ ଏହାକୁ ଆମର ପୂର୍ବପୁରୁଷମାନେ ଲଗାଇଛନ୍ତି। ଏଇ ଗଛ ଆମର କେତେ ଦୁଃଖସୁଖ ଦେଖିଛି, କେତେ ଝିଅପୁଅଙ୍କର ବିବାହ ଉତ୍ସବ ଦେଖିଛି ଏବଂ ପିଲାବେଳେ ଏହି ଗଛମୂଳେ ମୁଁ ମୋର ସାଙ୍ଗସାଥୀ ଗହଳରେ ଅନେକ ଖେଳିଛି। କିନ୍ତୁ ଏବେ ଏହି ଗଛମୂଳେ ମୁଁ ମୋର ପିଲାଦିନର ପୋଥି ବା ବହିଧରି ସଞ୍ଜ ସକାଳରେ ବସି ପଢୁଛି। ଏହାକୁ ଦେଖିଲେ ମୋର ପିତୃପିତାମହମାନଙ୍କ କଥା ମନେ ପଡୁଛି। କେବଳ ସେତିକି ନୁହେଁ ପୂର୍ବ ଆକାଶରେ ସୂର୍ଯ୍ୟ ଉଦୟ ହେଲେ ପକ୍ଷୀମାନେ ଏହାର ଡାଳରେ ବସି ରାବ ଦିଅନ୍ତି। ତେଣୁ ମୁଁ କେବେ ବି ଏ ଗଛ ହାଣିବା ପାଇଁ ଦେବି ନାହିଁ।

ODM EDUCATIONAL GROUP Changing your Tomorrow

### କେତୋଟି ନୂତନ ଶବ୍ଦ:

| | | | |
|---|---|---|---|
| ବାସ - ମହକ | | ମଧୁମକ୍ଷିକା - ମହୁମାଛି | |
| ତାନ - ସୁର | | ନବ - ନୂଆ | |
| ମଧୁକାଳ - ବସନ୍ତଋତୁ | | କୋକିଳ - କୋଇଲି | |
| ପିତୃପିତାମହ- ପୂର୍ବପୁରୁଷ | | ଗହଳ - ମେଳ | |

**୧. ଆସ କଥାବାର୍ତ୍ତା ହେବା ।**

କ) ଗଛଠାରୁ ଆମେ କ'ଣ କ'ଣ ପାଇଥାଉ ?

ଉ: ଗଛଠାରୁ ଆମେ ଫୁଲ, ଫଳ ଓ ଛାଇ ପାଇଥାଉ ।

ଖ) ପିଲାଟି କାହିଁକି ଗଛ ହାଣିବା ପାଇଁ କାଠୁରିଆକୁ ମନା କଲା ?

ଉ: ଗଛଟି ମଣିଷମାନଙ୍କ ଦୁଃଖସୁଖ ସହିତ ଜଡ଼ିତ ବୋଲି ପିଲାଟି ଜାଣିଛି । ସେ ମଧ ବାଲ୍ୟସାଥୀମାନଙ୍କ ସହିତ ସେହି ଗଛମୂଳରେ ଖେଳିଛି । ତା'ରି ଛାଇରେ ବସି ପୋଥିଧରି ପଢ଼ିଛି । ତେଣୁ ପିଲାଟି ଗଛ ହାଣିବାକୁ କାଠୁରିଆକୁ ମନାକଲା ।

ଗ) ମିଠାଫଳ ଫଳୁନଥିଲେ ମଧ କୌଣସି ଗଛକୁ କାଟିବା ନାହିଁ କାହିଁକି ?

ଉ: ମିଠାଫଳ ଫଳୁନଥିଲେ ମଧ ଗଛ ଆମକୁ ଛାଇ ଦେଇଥାଏ । ତେଣୁ ଆମେ କୌଣସି ଗଛକୁ କାଟିବା ନାହିଁ ।

ଘ) ଗଛ କି କି ଘଟଣା ସବୁ ଦେଖିଛି ବୋଲି କବିତାରେ ଲେଖାଯାଇଛି ?

ଉ: ଗଛ କେତେ ଦୁଃଖସୁଖ, ଝିଅପୁଅ ବାହାଘର ଓ ଯାନିଯାତ୍ରା ଦେଖିଛି ବୋଲି କୁହାଯାଇଛି ।

ଙ) ପିଲାଟି ବାଲ୍ୟକାଳରେ ଗଛମୂଳେ ବସି କ'ଣ କରୁଥିଲା ?

ଉ: ପିଲାଟି ବାଲ୍ୟକାଳରେ ଗଛମୂଳେବସି ନିଶ୍ଚଳରେ ବହି ପଢୁଥିଲା ।

**୨. କବିତାର ଯେଉଁ ଧାଡ଼ିରୁ ତଳଲିଖିତ କଥାଗୁଡ଼ିକ ବୁଝାପଡୁଛି, ସେହି ଧାଡ଼ିଟିକୁ ଆବୃତ୍ତି କରିବା ।**

କ) ବରଂ ଗଛ ପାଖରେ ମହୁମାଛିମାନେ ସ୍ନେହରେ ନ ଉଡ଼ନ୍ତୁ ।

ଉ: ନ ଉଡୁ ପଛକେ ମଧୁମକ୍ଷିକା ସେନେହେ ।

ଖ) କାଠୁରିଆ ! ରହିଯାଅ, ସେ ଗଛ ହାଣ ନାହିଁ ।

ଉ: ରହ ରହ କାଠୁରିଆ ନ ପକାଅ ହାଣି

ଗ) ଏ ଗଛକୁ ଆମ ବାପା ଅଜା ଲଗାଇଥିଲେ ।

ଉ: ତାହାକୁ ଲଗାଇ ଗଲେ ପିତୃପିତାମହ

ଘ) ମୁଁ ପିଲାଦିନେ ସାଙ୍ଗମାନଙ୍କ ସହିତ ଖେଳୁଥିଲି ।

ଉ) ଖେଳୁଥିଲି ମୁହିଁ ଖେଳ ସାଥୀ ଗହଳରେ ।

**୩. କବିତାର ଧାଡ଼ିଗୁଡ଼ିକ ମନେ ପକାଇ ପୂରଣ କର ।**

କ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର ।

ଉ: କେତେ ଝିଅପୁଅ କେତେ ଯାତ ବିଭାଘର ।

ଖ) ପଢ଼ଇ ବସି ମୁଁ ସଞ୍ଜ ସକାଳେ ନିଶ୍ଚଳେ।

ଉ: ଏବେ ବାଲ୍ୟକାଳେ ପୋଥି ଧରି ଛାଇତଳେ।

ଗ) ନ ଫଳୁପଛେ ଏ ଗଛେ ମିଠା ମିଠା ଫଳ।

ଉ: ଖରାବେଳେ ବାଟୋଇ ତ ବସେ ଏହା ତଳ।

ଘ) ଯାଅ ଯାଅ କାଠୁରିଆ ଏ ଗଛ ନ ହାଣି।

ଉ) ରଖିବି ଏ ଗଛ ମୁହିଁ ସତ୍ୟ ମୋର ବାଣୀ।

**୪. ନ ଫଳୁ ପଛେ ଏ ଗଛେ ମିଠାମିଠା ଫଳ,**

**ଖରାବେଳେ ବାଟୋଇ ତ ବସେ ଏହି ତଳ।**

**ଏହି ପଦର ଭାବ ଲେଖ।**

ଉ: ଏହି ଗଛରେ ବରଂ ମିଠା ମିଠା ଫଳ ନ ଫଳୁ, କିନ୍ତୁ ଖରାବେଳେ ବାଟୋଇ ଟିକେ ବିଶ୍ରାମ ନେବା ପାଇଁ ଏହାର ଛାଇରେ ଟିକେ ବସିଯାଏ।

**୫. ତଳେ କବିତାର ଧାଡ଼ିଗୁଡ଼ିକୁ ଗଦ୍ୟ ଆକାରରେ ଲେଖିବା।**

କ) ଥାଉ ମୁଁ ଜୀବନେ ଗଛ ନ ପାରିବ ହାଣି

ଉ: ମୁଁ ଜୀବନରେ ଥାଉ ଥାଉ ଗଛ ହାଣିପାରିବ ନାହିଁ।

ଖ) ପୂରୁବ ଆକାଶେ ସୂର୍ଯ୍ୟ ଉଦେ ପ୍ରଭାତରେ।

ଉ: ପ୍ରଭାତ କାଳରେ ସୂର୍ଯ୍ୟ ପୂର୍ବ ଆକାଶରେ ଉଦୟ ହୁଅନ୍ତି।

ଗ) କେତେ ଦୁଃଖସୁଖ ସେ ଯେ ଦେଖିଛି ଆମ୍ଭର

ଉ: ସେ ଆମର କେତେ ଦୁଃଖସୁଖ ଦେଖିଛି।

ଘ) କାଠୁରିଆ ନ ହାଣ ସେ ଗଛ ରହ ରହ।

ଉ: ରହ ରହ କାଠୁରିଆ, ସେ ଗଛ ହାଣନା।

**୬. କୋଠରୀରୁ ଉପଯୁକ୍ତ ଶବ୍ଦ ଆଣି ଫୁଲର ପାଖୁଡ଼ାରେ ଲେଖିବା।**

ମେଳା - ଯାତ୍ରା

ଜୀବନ - ପ୍ରାଣ

ସାଙ୍ଗ - ସାଥୀ

କଥା - କୋକିଳ

ODM EDUCATIONAL GROUP Changing your Tomorrow

ଅଧିକ - କୋକିଳ

ବସନ୍ତଋତୁ - ମଧୁକାଳ

**୭. କେଉଁ ବାକ୍ୟରେ କେଉଁ ଅର୍ଥ ବୁଝାଉଛି, ପାଖ ଘରେ ଲେଖିବା ।**

କ) ମଲ୍ଲୀଫୁଲର **<u>ବାସ</u>** ଭାରି ମଧୁର । <u>ସୁଗନ୍ଧ</u>

ଖ) ଗରିବ ପିଲାଟିର ପିନ୍ଧିବାକୁ **<u>ବାସ</u>** ଖଣ୍ଡିଏ ବି ନାହିଁ । <u>ବସ୍ତ୍ର</u>

ଗ) ସନ୍ଧ୍ୟାବେଳେ କୃଷକ ତା’ **<u>ବାସ</u>**କୁ ଫେରିଲା । <u>ଗୃହ</u>

**୮. ଜଣେ ଲୋକ ଗଛଟିଏ ହାଣିବାକୁ ଯାଉଛି । ତାକୁ କ’ଣ କହି ଗଛ ନ ହାଣିବା ପାଇଁ ବୁଝାଇବା ଆସ ଲେଖିବା ।**

ଲୋକଟି ଗଛ ହାଣିବାକୁ ଯାଉଥିବା ବେଳେ ଆମେ ତାକୁ ବୁଝାଇ କହିବା ଯେ, ଗଛ ଆମକୁ ସୁବାସିତ ଫୁଲ ଦିଏ । ଆମେ ତା’ଠାରୁ ମିଠା ଫଳଗୁଡ଼ିକ ପାଉ । ଗଛରେ କୋଇଲି ରାବି ଉଠି ଆମକୁ ଆନନ୍ଦ ଦିଏ । ଗଛର ଫୁଲରୁ ମହୁମାଛି ମଧୁ ସଂଗ୍ରହ କରେ । ଖରାବେଳେ ବାଟୋଇ ଗଛ ଛାଇରେ ବସେ । ଗଛ ଆମର ଉପକାରୀ ବନ୍ଧୁ । ଗଛ ଆମର ଅନେକ ସ୍ମୃତିର ସନ୍ତକ । ତେଣୁ ଗଛକୁ ହାଣିବା ଉଚିତ୍ ନୁହେଁ ।

**୯. ଅକ୍ଷରଗୁଡ଼ିକୁ ସଜାଡ଼ି ଠିକ୍ ଶବ୍ଦ ଲେଖିବା ।**

କାରିଠୁଆ - କାଠୁରିଆ

କ୍ଷିକାମ - ମକ୍ଷିକା

କୋଳକି - କୋକିଳ

ପିହମତା - ପିତାମହ

ପ୍ରତଭା - ପ୍ରଭାତ

♦♦♦

ODM EDUCATIONAL GROUP Changing your Tomorrow